ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ବିଭାଗ ।

ସଂଖ୍ୟା—16275—/ସା.ପ୍ର. ... ଭୁବନେଶ୍ୱର,... ତା—17—7—95

ପ୍ରେରକ :

ଶ୍ରୀ ରବି ନାରାୟଣ ଦାସ,
ମୁଖ୍ୟ ଶାସନ ସଚିବ ।

ପ୍ରାପ୍ତେଷୁ :

ସମସ୍ତ ବିଭାଗୀୟ ପ୍ରମୁଖ ଶାସନ ସଚିବ /
ସମସ୍ତ ଶାସନ ସଚିବ / ସମସ୍ତ ବିଭାଗୀୟ ଦପ୍ତର ମୁଖ୍ୟ/
ସମସ୍ତ ରାଜସ୍ୱ ଡିଭିଜନାଲ କମିଶନର / ସମସ୍ତ ଜିଲ୍ଲାପାଳ ।

ବିଷୟ : ସରକାରୀ କର୍ମଚାରୀମାନଙ୍କର ବଦଳି ନୀତି ଉପରେ ସ୍ପଷ୍ଟୀକରଣ ।

ମହାଶୟ,

ମୁଁ ନିର୍ଦ୍ଦେଶକ୍ରମେ ଜଣାଉଅଛି ଯେ ସରକାରୀ କର୍ମଚାରୀ ମାନଙ୍କର ବଦଳି ସମ୍ବନ୍ଧୀୟ ନୀତି ଏହି ବିଭାଗର ପତ୍ର ସଂଖ୍ୟା—10271—ସା.ପ୍ର.—ତା—20.5.95—ରେ ଆପଣମାନଙ୍କୁ ଜଣାଇ ଦିଆଯାଇଅଛି । ଉପରୋକ୍ତ ପତ୍ରର ଚତୁର୍ଥ ପରିଚ୍ଛେଦରେ ଉଲ୍ଲେଖ ରହିଛି ଯେ ସରକାରୀ କର୍ମଚାରୀ ମାନଙ୍କର ସାଧାରଣ ବଦଳି ( General Transfer ) ଏପ୍ରିଲ 15 ତାରିଖରୁ ଜୁନ 15 ତାରିଖ ମଧ୍ୟରେ ଶେଷ କରାହେବ । ତେଣୁ 15.6.95 ତାରିଖ ପରେ ବଦଳି ଉପରେ ରହିତାଦେଶ ବଳବତ୍ତର ହୋଇଛି । କିନ୍ତୁ ଅତି ଆବଶ୍ୟକସ୍ଥଳେ ଯଥା ପ୍ରଶାସନିକ ଦୃଷ୍ଟିକୋଣ, ପଦୋନ୍ନତି, ଅବସର ବା ଅନ୍ୟ କିଛି ଜରୁରୀ କାରଣ କ୍ଷେତ୍ରରେ ଖାଲି ପଡୁଥିବା ଶୂନ୍ୟସ୍ଥାନ ପୂରଣ କରିବା ନିମନ୍ତେ ବଦଳି ଆବଶ୍ୟକ ହୋଇପାରେ । ଏପରି ସ୍ଥଳେ ଯେଉଁ ଅଧିକାରୀ ମାନଙ୍କ ତାଙ୍କ ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀ ମାନଙ୍କୁ ବଦଳି କରିବା କ୍ଷମତା [illegible]ଇଅଛି, ସେମାନେ ତାଙ୍କର ଉପରିସ୍ଥ ଅଧିକାରୀଙ୍କ ଆଦେଶ ନେଇ ବଦଳି ଆଦେଶ ଜାରୀ କରିପାରିବେ । ଦ୍ୱିତୀୟଶ୍ରେଣୀ ଓ ତଦୂର୍ଦ୍ଧ୍ୱ ପଦବୀର କର୍ମଚାରୀ ମାନଙ୍କର ବଦଳି କେବଳ ମୁଖ୍ୟମନ୍ତ୍ରୀଙ୍କ ଆଦେଶ ନେଇ କରାଯାଇପାରିବ । ତା— 15.6.95 ସୁଦ୍ଧା ହୋଇଥିବା ବଦଳି କ୍ଷେତ୍ରରେ ଯଦି କୌଣସି ସଂଶୋଧନ ବା ପରିବର୍ତ୍ତନ ଆବଶ୍ୟକ ହୁଏ, ତେବେ ମୁଖ୍ୟମନ୍ତ୍ରୀଙ୍କ ଆଦେଶ ନେବାକୁ ହେବ ।

2\. ବର୍ତ୍ତମାନ ସୁଦ୍ଧା ସମସ୍ତ ବିଭାଗ/ଦପ୍ତରରେ ବଦଳି ହୋଇଥିବା ଅଫିସର ମାନଙ୍କୁ ତୁରନ୍ତ ଭାରମୁକ୍ତ କରିବା ନିମନ୍ତେ ବିହିତ ପଦକ୍ଷେପ ନିଆଯାଉ । ସମସ୍ତ ବଦଳି ହୋଇଥିବା ଅଫିସର ଏହି ଆଦେଶ ପାଇଥିବା 7 ଦିନ ମଧ୍ୟରେ ଭାରମୁକ୍ତ ହୋଇ ନୂତନ ପଦବୀରେ ଯୋଗଦାନ କରିବା ସରକାର ଚାହାନ୍ତି ।

3\. ଭବିଷ୍ୟତରେ ଯେତେବେଳେ କୌଣସି ବଦଳି ଆଦେଶ ଜାରୀ ହେବ, ସେ ଆଦେଶରେ କେଉଁ ଅଫିସର ପ୍ରଥମେ ଭାରମୁକ୍ତ ହୋଇ ତାଙ୍କ ନୂତନ ପଦବୀରେ ଯୋଗଦାନ କରିବେ, ତାହା ଉଲ୍ଲେଖ ରହିବ । ବଦଳି ହୋଇଥିବା ଅଫିସରଙ୍କ ସ୍ଥାନରେ ଯେଉଁ ଅଫିସର ନିଯୁକ୍ତ କରାଯାଇଥିବେ,

ଅ.ପୃ.ଦେ.

ସେ ଯଦି 15 ଦିନ ମଧ୍ୟରେ ତାଙ୍କ ସ୍ଥାନରେ (ବଦଳି ଅଫିସରଙ୍କ ସ୍ଥାନରେ ) ଯୋଗ ନ ଦିଅନ୍ତି ତେବେ ବଦଳି ହୋଇଥିବା ଅଫିସର 15 ଦିନ ପରେ ସ୍ୱତଃ ଭାରମୁକ୍ତ ହୋଇ ବଦଳି ହୋଇଥିବା ସ୍ଥାନକୁ ଚାଲିଯିବେ ।

ଆପଣମାନେ ଆପଣଙ୍କ ଅଧୀନରେ ଥିବା ସମସ୍ତ ଦପ୍ତରକୁ ଉପରୋକ୍ତ ନିର୍ଦ୍ଦେଶନାମା ଜଣାଇଦେବେ ।

ଆପଣଙ୍କର ବିଶ୍ୱସ୍ତ,

ମୁଖ୍ୟ ଶାସନ ସଚିବ 17-7-95

ଜ୍ଞାପକ ସଂଖ୍ୟା 16276 /ସା.ପ୍ର. ତା– 17.7.95

ଏହାର ନକଲ ମୁଖ୍ୟମନ୍ତ୍ରୀଙ୍କ ଶାସନ ସଚିବ, ଉପ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ରାଷ୍ଟ୍ରମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବମାନଙ୍କ ନିକଟକୁ ମନ୍ତ୍ରୀ ମହୋଦୟଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

17.7.95
ସ୍ୱତନ୍ତ୍ର ଶାସନ ସଚିବ ।

ଜ୍ଞାପକ ସଂଖ୍ୟା 16277 /ସା.ପ୍ର. 17.7.95 ତା–

ଏହାର ନକଲ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ/ସମସ୍ତ ଉପଖଣ୍ଡ ଅଧିକାରୀ/ ସମସ୍ତ ତହସିଲଦାର ଓ ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

17.7.95
ସ୍ୱତନ୍ତ୍ର ଶାସନ ସଚିବ ।

ପଜବନ୍ଧୁ/